This question paper consists of **25** questions and **7** printed pages.
ଏହି ପ୍ରଶ୍ନପତ୍ରରେ ମୋଟ **25**ଟି ପ୍ରଶ୍ନ ଅଛି ଏବଂ **7** ମୁଦ୍ରିତ ପୃଷ୍ଠା ଅଛି ।

**Roll No.**
**ରୋଲ ନଂ**

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

# ODIA
# (ଓଡ଼ିଆ)
# (233)

**Code No.** **64/S/O/OR**
**କୋଡ୍ ନମ୍ବର୍**

**SET** **A**

**Day and Date of Examination**
**ପରୀକ୍ଷାର ଦିନାଙ୍କ ଓ ତାରିଖ** ......................................................................

**Signature of Invigilators** 1. ......................................................................
**ନିରୀକ୍ଷକଙ୍କ ସ୍ୱାକ୍ଷର**
2. ......................................................................

**ସାଧାରଣ ନିର୍ଦ୍ଦେଶାବଳୀ :**

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।
2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ ।
3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।
4. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।
5. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।
6. ପ୍ରଶ୍ନପତ୍ର କୋଡ୍ ନମ୍ବର 64/S/O/OR, Set A ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ODIA
## (ଓଡ଼ିଆ)
## (233)

ସମୟ : **3** ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : **100**

**ନୋଟ୍ :** (i) **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା **(ମାର୍କ)** ସୁଚିତ ହୋଇଛି ।

---

1. ସନ୍ଧି ବିଚ୍ଛେଦ କର (**୨** ଟିର) : **3**

ପୁରୁଷୋତ୍ତମ, ସଦୁପାୟ, ପରୋପକାର, ବିଦ୍ୟାଧର

2. ବିପରୀତାର୍ଥ ବୋଧକ ଶବ୍ଦଲେଖ (**୪** ଟିର) : **2**

ଅନୁରକ୍ତ, ଅନୁଗ୍ରହ, ଉଠାପି, ଉତ୍ଥାନ

3. ନିମ୍ନଲିଖିତ ସମୋଚାରିତ ଶବ୍ଦର ଅର୍ଥଲେଖ : **2**

ନିତି — ନୀତି, ଚିର — ଚୀର

4. ରୂଢ଼ି ମାନଙ୍କର ଅର୍ଥଲେଖ : (**୩** ଟିର) **3**

ତୁଣ୍ଡବାଇଦ ସହସ୍ର କୋଶ, ଏବର୍ଷମଲୁ ଆରବର୍ଷକୁ ବଇଦ, କଙ୍କଡ଼ାକୁ ଗୋଳିଆପାଣି ସୁହାଏ, ଓଟ ମୁହଁରେ ଜିରା

5. ପରୋକ୍ଷୋକ୍ତିରେ ପରିଣତ କର : **1**

ରାମବାବୁ କହିଲେ – "ମୁଁ କାଲି କଟକ ଯିବି"

6. ଏକ ପଦରେ ପ୍ରକାଶ କର : **1**

ସାଧୁରଭାବ, ବିଦେଶରୁ ଆଗତ ଯେ

7. ନିମ୍ନଲିଖିତ ପ୍ରତ୍ୟୟ ଗୁଡ଼ିକ ମଧ୍ୟରୁ ଯେକୌଣସି **୩ଟି** ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର : **3**

ଉଆ, ଇଆ, ଆ, ଆଳି

8. ଠିକ୍ ଉତ୍ତର ପାଖରେ (✓) ଚିହ୍ନ ଦିଅ : **1**

'ମୁଣ୍ଡଛଡ଼ଇ' ଏଇ ଶବ୍ଦର ଅର୍ଥ ହେଲା –

(କ) ମୁଣ୍ଡ ଛାଡ଼ି ଯାଏ

(ଖ) ମୁଣ୍ଡ ପଡ଼ି ଯାଏ

(ଗ) ମୁଣ୍ଡ ଛିଡ଼ି ଯାଏ

9. ନିମ୍ନଲିଖିତ ବାକ୍ୟ ଗୁଡ଼ିକ ମଧ୍ୟରୁ ସରଳ ବାକ୍ୟ, ଜଟିଳ ବାକ୍ୟ ଯୌଗିକ ବାକ୍ୟ ଚିହ୍ନାଅ : **3**

(କ) ମୁଁ ଯେଉଁ ଜିନିଷ ପାଇଁ କହିଥିଲି, ତାହା ଆଣିଛି

(ଖ) ଜୋର ଥିବା ଲୋକ ମୂଳକର ଅଧିକାରୀ

(ଗ) କେତେକ ପିଲା ଓଡିଆ କହି ପାରନ୍ତି, ଲେଖିପାରନ୍ତି ନାହିଁ

10. ବଂଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣକର : **1**

ସେ ଗାଁ ଲୋକଙ୍କର କୌଣସି ସାମାଜିକ କାର୍ଯ୍ୟରେ ଯୋଗ ଦେଇ ପାରୁ ନଥିବାରୁ ଗାଁଲୋକ __________ କରି ଥିଲେ ।

(ଜୋନା କୁଡ଼ିଆ, ଏକ ଘରକିଆ, ଜାତି ବାସନ୍ଦ)

11. ଏକ ଅର୍ଥ ପ୍ରକାଶ କରୁଥିବା ଦୁଇଟି ଶବ୍ଦ ଲେଖ : **1**

ନଦୀ

12. ନିମ୍ନଲିଖିତ ଶବ୍ଦର ପଦ୍ୟରୂପଲେଖ : **2**

ପ୍ରାଚୀ, ପ୍ରାଣୀ, ପର୍ବତ, ଧର୍ମ

13. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ଯୋଗକର : **3**

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| କ୍ରୀଡ଼ା | ମାଟି |
| ଖରେ | ବାଳଲୀଳା |
| ତୁଣ୍ଡ | ଯଶୋଦା |
| ଛାମୁ | ଗୋପବାଳକ |
| ଶ୍ରୀକୃଷ୍ଣ | ବଳରାମ |

14. ନିମ୍ନଶବ୍ଦ ମାନଙ୍କର ବର୍ତ୍ତମାନ ପ୍ରଚ଼ଳିତ ରୂପଲେଖ : **2**

ଦିଲେ, ୟେହାଙ୍କର, ୟେ, ଶୁଣିମା

15. ନିମ୍ନଶବ୍ଦଟି କେଉଁ ପ୍ରକାର ପଦ, ବଂନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଲେଖ : **1**

ଦରିଦ୍ର (ବିଶେଷ୍ୟ, ବିଶେଷଣ)

16. 'ଯାନ୍ତ୍ରିକ' ପରି ଆଉ ଏକ ଶବ୍ଦଲେଖ । **1**

17. ବଂଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର : **1**

ଚାହିଲେ ଭୂଇଁ __________ ଯେ ଖନ୍ଦେ

(ଖସେ, ବସେ, ଲସେ)

18. କଳିଙ୍ଗର ଧର୍ମ ପୃଥୀବୀର ଧର୍ମଗୁଡ଼ିକ ମଧ୍ୟରେ କେଉଁ ବୈଶିଷ୍ଟ୍ୟ ପାଇଁ ପରିଚିତ ହୋଇଛି : **1**

(1) ଆଧ୍ୟାତ୍ମ୍ ବାଦର ପ୍ରତିଷ୍ଠା

(2) ଏକେଶ୍ୱର ବାଦର ପ୍ରଚାର

(3) ପୌତ୍ତଳିକତାର ବିଶ୍ୱାସ

19. ସଂକ୍ଷେପରେ ଉତ୍ତର ଦିଅ : **$1\frac{1}{2} \times 6 = 9$**

(କ) ତ୍ରିପୁର ବୋଲି କବି କାହାକୁ କହିଛନ୍ତି ।

(ଖ) ମରାଳପନ୍ତି କାହା ଚାରି ପାଖରେ ଭଉଁରୀ ପରି ଘୁରି ଘୁରି ବୁଲୁଛନ୍ତି ।

(ଗ) ଯୁଧିଷ୍ଠିରଙ୍କ ପୂର୍ବରୁ କିଏ ସ୍ୱର୍ଗରେ ପହଞ୍ଚି ଯାଇଥିଲେ ।

(ଘ) ଖଦ୍ୟୋତ କାହାକୁ ମହାନ୍ ଦାନ ଦିଏ ।

(ଙ) କବିତାଙ୍କର ଶେଷ ଜୀବନ କେଉଁଠି ଓ କିଭଳି କଟାଇବେ ବୋଲି ଭାବିଥିଲେ ।

(ଚ) କେଉଁ ଯୁଦ୍ଧରେ ଏକା ଖଡ୍‌ଗରେ ଦଶ ପାଞ୍ଚମୁଣ୍ଡ ଛିଡ଼େ ।

(ଛ) ଅମୃତ ସଂଗରେ କିଏ ମିତ୍ରବୋଲି କବି କହି ଛନ୍ତି ?

20. ସଂକ୍ଷେପରେ ଯେକୌଣସି **୩ଟି** ପ୍ରଶ୍ନର ଉତ୍ତର ଦିଅ : **9**

(କ) ପାସେଞ୍ଜର ଟ୍ରେନଟି କେଉଁଠୁ ଯାତ୍ରା ଆରମ୍ଭ କରିଥିଲା ।

(ଖ) କେଉଁମାର୍ଗ ଅବଲମ୍ବନ କରି ଲକ୍ଷ୍ମଣ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଲେ

(ଗ) ଅଂଧଟିକୁ ଗୀତ ଗାଇବାକୁ ଆଚାର୍ଯ୍ୟ ମନାକଲେ କାହିଁକି ?

(ଘ) ସୁମିତ୍ରା ସଂପର୍କରେ ବିମଳବାବୁଙ୍କର କିଧାରଣା ଥିଲା ?

21. ନିମ୍ନଲିଖିତ ପ୍ରଶ୍ନ ଗୁଡିକ ମଧ୍ୟରୁ ଯେକୌଣସି **୩ଟି** ପ୍ରଶ୍ନର ଉତ୍ତର ଦିଅ : **21**

(କ) ଗଙ୍ଗା ମାତାଙ୍କ ଦାନର ଦୁରୁପଯୋଗ ଚକୁଳିଆ ପଣ୍ଡା କାହିଁକି କଲା, ଏହାର ପରିଣତି କ'ଣ ହେଲା ?

(ଖ) ମୂର୍ଖପଣ୍ଡିତ ସମସ୍ୟାର ସମାଧାନ କରିବାକୁ ଲେଖକ କି ପରାମର୍ଶ ଦେଇଛନ୍ତି ।

(ଗ) ପ୍ରାଚୀନ ଓଡ଼ିଶାର ସୀମା ଓ ବିସ୍ତୃତ ସଂପର୍କରେ ଲେଖ ।

(ଘ) ମସୁରୀର କି କି ବିଶେଷତ୍ୱ ଅଛି ।

(ଙ) ଭାରତର ନବନିର୍ମାତା ଓ ବିକାଶ ପାଇଁ ଦୂର ସଞ୍ଚାର ଯୋଗାଯୋଗର କି ଅବଦାନ ଅଛି ?

22. ଯେକୌଣସି **୨ଟି** ପ୍ରଶ୍ନର ଉତ୍ତର ଦିଅ : **6 + 6 = 12**

(କ) ପଠିତ କବିତା ଅବଲମ୍ବନରେ ଶ୍ରୀକୃଷ୍ଣଙ୍କର ବାଲ୍ୟ ଲୀଳା ବର୍ଣ୍ଣନା କର ।

(ଖ) ମାଟିର ସେଇ ସରଗମୋର – କବି ଏପରି କହିବାର କାରଣ କ'ଣ ?

(ଗ) ଜୀବନର ଶ୍ରେଷ୍ଠ ସାର୍ଥକତା କ'ଣ ?

23. ୨୦୦ଟି ଶବ୍ଦ ମଧ୍ୟରେ ଗୋଟିଏ ବିଷୟରେ ରଚନା ଲେଖ : **10**

(କ) ତୁମର ପ୍ରିୟଖେଳ

(ଖ) ଗୁରୁଦିବସ

(ଗ) ମାନବ ସେବାରେ ବିଜ୍ଞାନ

24. ମେଟ୍ରିକ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ କରୁଛ ସେବିଷୟ ବର୍ଣ୍ଣନା କରି ତୁମ ବଡ଼ ଭାଇଙ୍କ ପାଖକୁ ପତ୍ରଲେଖ । **5**

**କିମ୍ବା**

ତୁମ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଅଛି, ଏହାର ପ୍ରତିକାର ପାଇଁ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ଲେଖ ।

25. ଓଡିଆରେ ଅନୁବାଦ କର : **2**

(i) Respect your elders

(ii) Keep to the left

---